# ଦିଲ୍ଲୀପର ଆତ୍ମକଥା

୦୭/୦୩/୨୦୦୪

**ଆମ ଘରର ହାଲ୍‌ଚାଲ୍**

**ସୌମ୍ୟରଂଜନ ପଟ୍ଟନାୟକ**

ବ୍ୟକ୍ତିର ଧନ ଓ ଜୀବନର ସୁରକ୍ଷା ପ୍ରତ୍ୟେକ ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ। ତେଣୁ ସହିଦ ନଗର ଥାନା ହାଜତରେ ଦିଲ୍ଲୀପର ମୃତ୍ୟୁ ସ୍ୱାଭାବିକ ଭାବେ ଆମ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କିନ୍ତୁ ଏହିପରି ଏକ ଅଘଟଣକୁ ମୁକାବିଲା କରିବାକୁ ଯାଇ ଆମ ପୋଲିସ୍ ପ୍ରଶାସନର ଆଚରଣ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ତାଙ୍କ ପ୍ରତି ଆଖିବୁଜା ସମର୍ଥନ ଆମକୁ ଅଧିକ ବିବ୍ରତ କରୁଛି।

ପୋଲିସ୍ ହାଜତରେ ମୃତ୍ୟୁକୁ କୌଣସି ସଭ୍ୟସମାଜ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ମାନବାଧିକାର କମିଶନ ଏହି ଘଟଣାଗୁଡ଼ିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଆମେ ମନେ କରୁ। ଗୋଟିଏ ପକ୍ଷ ଯେତେବେଳେ ସ୍ୱୟଂ ପୋଲିସ୍ ପ୍ରଶାସନ ଅନ୍ୟପକ୍ଷର କଥା କହିବ କିଏ? ନିରବ ନାଗରିକଙ୍କୁ ମୁଖର କରିବା ଗଣମାଧ୍ୟମର ଅନ୍ୟ ଏକ ଦାୟିତ୍ୱ ବୋଲି ଆମେ ବିଚାର କରୁ। କେଉଁ ପରିସ୍ଥିତିରେ ଏବଂ କିପରି ଦିଲ୍ଲୀପର ମୃତ୍ୟୁ ହେଲା ସେ ସମ୍ପର୍କରେ ଜାଣିବାର ଅଧିକାର ଆମ ସମସ୍ତଙ୍କର ଅଛି। ଦିଲ୍ଲୀପର ସନ୍ଦେହଜନକ ମୃତ୍ୟୁ ଅନେକଗୁଡ଼ିଏ ପ୍ରଶ୍ନ ଉତ୍ଥାପନ କରୁଛି। ତେବେ ପୋଲିସ୍ ପ୍ରଶାସନ ଏ କ୍ଷେତ୍ରରେ ଯେଉଁ ଆଚରଣ ପ୍ରଦର୍ଶନ କରିଛନ୍ତି ଏବଂ ତଥ୍ୟ ପ୍ରମାଣକୁ ଯେଉଁ ବାଟରେ ନେବାପାଇଁ ଚେଷ୍ଟା କରିଛନ୍ତି ତାହା ସହଜରେ ଗ୍ରହଣଯୋଗ୍ୟ ହେଉନାହିଁ। ଦିଲ୍ଲୀପର ହତ୍ୟାକୁ ପୋଲିସ୍ ମୂଳରୁ ଆତ୍ମହତ୍ୟା ବୋଲି କହିଆସୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମଧ୍ୟ ଏହାକୁ ଆତ୍ମହତ୍ୟା ବୋଲି ଦର୍ଶାଇଛି। ତେବେ କେବେ କେହି ପ୍ରଶ୍ନ ପଚାରୁଛି କି ଗତ ୨୭ ତାରିଖରୁ ଅଟକ ଥିବା ଦିଲ୍ଲୀପ କାହିଁକି ୩ ତାରିଖ ସକାଳେ ପୋଲିସ୍ ହାଜତରେ ଆତ୍ମହତ୍ୟା କରିବ? ଦୀର୍ଘ ୫ ଦିନ ଧରି ସେ ତ ପୋଲିସ୍‌ବାଲାଙ୍କ ପାଖରେ ହିଁ ଥିଲା। ଯଦିବା ଆତ୍ମହତ୍ୟା କରିବାକୁ ଚିନ୍ତା କଲା, ହାଜତ ଭିତରେ ସୁସ୍ଥ ସବଳ ମଣିଷଟିଏ ନିଜେ ପିନ୍ଧିଥିବା ଦେହମିଟର କନାରେ ସିଲାଇ ହୋଇଥିବା ଜାମାକୁ ବ୍ୟବହାର କରି କିପରି ନିଜର ଜୀବନ ନେଇପାରିବ? ଶବ ବ୍ୟବଚ୍ଛେଦ ରିପୋର୍ଟ ପୂର୍ବରୁ ପୋଲିସ୍‌ବାଲା ଓ ମୁଖ୍ୟମନ୍ତ୍ରୀ ତଦନ୍ତକୁ ଅପେକ୍ଷା ନକରି ଏହାକୁ କିପରି ଆତ୍ମହତ୍ୟା ବୋଲି ଧରିନେଲେ? ନା ଏ ହତ୍ୟାକୁ ଆତ୍ମହତ୍ୟା କହି ଖସିଯିବା ଛଡ଼ା ଅନ୍ୟ କିଛି ବାଟ ନ ଥିଲା? ଥରେ ମୁଖ୍ୟମନ୍ତ୍ରୀ ଆତ୍ମହତ୍ୟା କଥା ବିଧାନସଭାରେ ଘୋଷଣା କଲାପରେ ଭୁବନେଶ୍ୱର ସରକାରୀ ଡାକ୍ତରଖାନାର ଡାକ୍ତର ଭାଇଙ୍କର ଅନ୍ୟ କିଛି ରିପୋର୍ଟ ଦେବା ସମ୍ଭବ କି? ଏହା ଦ୍ୱାରା ଡାକ୍ତରୀ ପେଶା ପ୍ରତି ଅସମ୍ମାନ ପ୍ରଦର୍ଶନ କରୁନାହୁଁ। ସକଳ ବିନମ୍ରତାର ସହିତ ବଦଳି ପୀଡ଼ିତ ଡାକ୍ତରୀ ପେଶା ପ୍ରତି କେବଳ ଦୃଷ୍ଟି ଆକର୍ଷଣ କରୁଛୁ।

ସ୍ୱଚ୍ଛ ପ୍ରଶାସନର ପ୍ରଥମ ଏବଂ ପ୍ରଧାନ ଲକ୍ଷଣ ହେଲା ସତ୍ୟକୁ ସାମ୍ନା କରିବା। ସତ୍ୟ ଯେତେ ଅଡୁଆ ବା ଅପ୍ରୀତିକର ହେଲେ ମଧ୍ୟ ଯେଉଁ ପ୍ରଶାସନ ତାହାକୁ ଗ୍ରହଣ କରିବାର ସାହସ ଦେଖାଏ, ତାହା ସେତିକି ଅଧିକ ସମ୍ମାନ ଲାଭ କରେ। ଆମ ପ୍ରଶାସନ କିନ୍ତୁ ନିଜ ଆଚରଣ ଯୋଗୁଁ ପ୍ରତିଦିନ ସମ୍ମାନ ହରାଉଛି। ଗୁଜରାଟରେ ଘଟିଥିବା ଗୋଧ୍ରା କାଣ୍ଡରେ ପ୍ରକୃତ ସତ୍ୟ କ'ଣ ଆମେ ଏ ପର୍ଯ୍ୟନ୍ତ ଜାଣିପାରୁନାହୁଁ। ଟ୍ରେନ୍‌ରେ ନିଆଁ ଲାଗିବାଟି ସତ୍ୟ ହୋଇଥିଲେ ମଧ୍ୟ ଏ ନିଆଁ ଭିତରୁ ଲାଗିଲା କି ବାହାରୁ ପେଟ୍ରୋଲ୍ ପୋପଡ଼ାଯାଇ ନିଆଁ ଲଗାଗଲା, ତାହା ଏବେ ମଧ୍ୟ ଅସମାହିତ ପ୍ରଶ୍ନ ହୋଇ ରହିଛି। ସେହିପରି ଦିଲ୍ଲୀପର ମୃତ୍ୟୁ ମଧ୍ୟ ସତ୍ୟ। କିନ୍ତୁ ଏହା ହତ୍ୟା କି ଆତ୍ମହତ୍ୟା କିଏ କହିବ? ଦିଲ୍ଲୀପ ହିଁ କେବଳ କହିପାରନ୍ତା। ତେବେ ସ୍ୱର୍ଗରେ ଥାଇ ତା'ର ଆତ୍ମା ଆମକୁ ପ୍ରଶ୍ନ କରୁଛି, ମୁଁ କାହିଁକି ଆତ୍ମହତ୍ୟା କରିବି? ହାଜତ ଭିତରେ ଏହା କିପରି ସମ୍ଭବ ହେବ? ଏହି ଆଲୋଚନା ଚାଲିଥିବାବେଳେ ଜଣେ ଭଲ ପ୍ରସ୍ତାବଟିଏ ଦେଇଛନ୍ତି। ପୋଲିସ୍ ବାବୁଜଣକ ସତ୍ୟାଗ୍ରହୀ ହୁଅନ୍ତୁ। ନିଜେ ନିଜ ଜାମାକୁ ବ୍ୟବହାର କରି ହାଜତ ଭିତରେ ଆତ୍ମହତ୍ୟା କରି ସହିଦ ହୋଇଯାଆନ୍ତୁ। ତାଙ୍କ ପରିବାରକୁ ଆମେ ପାଞ୍ଚ ଲକ୍ଷ ଟଙ୍କା ଦେବୁ।